# <u>ବରିଷ୍ଠ ନେତା ମଦନଲାଲ ଖୁରାନାଙ୍କ ବିୟୋଗରେ</u>
# <u>ରାଜ୍ୟ ବିଜେପିର ଶୋକ</u>

**ଭୁବନେଶ୍ୱର, ତା.୨୮/୧୦:** ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ମଦନଲାଲ୍ ଖୁରାନାଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ବିଧାୟକ ଦଳ ନେତା କେ.ଭି.ସିଂହଦେଓ, ରାଜ୍ୟ ବିଜେପିର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

ରାଷ୍ଟ୍ରୀୟ ରାଜନୀତିରେ ସୁପରିଚିତ ସ୍ୱର୍ଗତ ଖୁରାନାଙ୍କ ବିୟୋଗ ଦେଶ ତଥା ପାର୍ଟୀ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଣ୍ଡା ଶୋକ ବ୍ୟକ୍ତ ପ୍ରକାଶ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**